# NATIONAL NEWS BULLETIN (ODIA)
## 23rd July - 2024
## Mid-day Bulletin : 1.50 p.m.

*********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ୨୦୨୪-୨୫ ଆର୍ଥିକବର୍ଷ ପାଇଁ କେନ୍ଦ୍ରୀୟ ବଜେଟ୍ ଲୋକସଭାରେ ଆଗତ

—କୃଷି, ମାନବସମ୍ବଳ, ଉତ୍ପାଦନ ଏବଂ ସେବା ଆଦି ୯ଟି କ୍ଷେତ୍ର ଉପରେ ଦିଆଯାଇଛି ପ୍ରାଥମିକତା

—ଆୟକର ସୀମା ଅପରିବର୍ତ୍ତିତ

- ନିପା ସଂକ୍ରମଣକୁ ଦୃଷ୍ଟିରେ ରଖି ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କଲେ ତାମିଲ୍‌ନାଡୁ ସରକାର
- ଆନ୍ତର୍ଜାତିକ ଜଳସୀମା ଉଲଙ୍ଘନ ଅଭିଯୋଗରେ ଶ୍ରୀଲଙ୍କା ନୌସେନା ଦ୍ୱାରା ୯ ଜଣ ଭାରତୀୟ ମତ୍ସ୍ୟଜୀବୀ ଗିରଫ

ଏବଂ

- ମହିଳା ଏସୀୟ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ-ନେପାଳ ମୁକାବିଲା

# ବଜେଟ୍-୨୦୨୪

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ପୂର୍ବାହ୍ଣ ୧୧ଟାରେ ଲୋକସଭାରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ କେନ୍ଦ୍ରୀୟ ବଜେଟ୍ ଆଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରର ତୃତୀୟ କାର୍ଯ୍ୟକାଳର ଏହା ହେଉଛି ପ୍ରଥମ ବଜେଟ୍। ବଜେଟ୍ ଆଗତ ହେବା ପୂର୍ବରୁ ପରମ୍ପରା ଅନୁଯାୟୀ ଅର୍ଥମନ୍ତ୍ରୀ ସଂସଦ ଭବନକୁ ଯିବା ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରିଥିଲେ। ଏହି ଅବସରରେ ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ସଂସଦ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ମନ୍ତ୍ରୀମଣ୍ଡଳ ୨୦୨୪-୨୫ କେନ୍ଦ୍ରୀୟ ବଜେଟ୍‌କୁ ସ୍ୱୀକୃତି ପ୍ରଦାନ କରିଥିଲେ।

କେନ୍ଦ୍ର ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଛନ୍ତି, ବିଶ୍ୱବ୍ୟାପୀ ମାନ୍ଦାବସ୍ଥା ସତ୍ତ୍ୱେ ଭାରତୀୟ ଅର୍ଥନୀତି ମଜବୁତ୍ ରହିଛି ଏବଂ ଆଗାମୀ ବର୍ଷ ଗୁଡ଼ିକରେ ଏହା ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହେବ। ଶ୍ରୀମତୀ ସୀତାରମଣ କହିଛନ୍ତି, ଏହି ବଜେଟ୍ ମୁଖ୍ୟତଃ ନିଯୁକ୍ତି, ଦକ୍ଷତା, ଏମ୍ଏସ୍ଏମ୍ଇ ଏବଂ ମଧ୍ୟବିତ୍ତ ବର୍ଗ ଉପରେ କେନ୍ଦ୍ରୀଭୂତ ହୋଇଛି।

ସେ ଆଗାମୀ ୫ ବର୍ଷ ମଧ୍ୟରେ ୪ କୋଟି ୧ ଲକ୍ଷ ଯୁବକଙ୍କୁ ରୋଜଗାର ଯୋଗାଇ ଦେବା ଲାଗି ୫ଟି ଯୋଜନାରେ ୨ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବ ବୋଲି କହିଛନ୍ତି ।

ବିକଶିତ ଭାରତର ଅଗ୍ରଗତି ସମ୍ପର୍କରେ ଚଳିତ ବଜେଟ୍‌ରେ ସରକାର ସମସ୍ତଙ୍କୁ ସୁଯୋଗ ଦେବା ଉଦ୍ଦେଶ୍ୟରେ ୯ଟି ପ୍ରାଥମିକତା ବିଷୟରେ ଗୁରୁତ୍ୱାରୋପ କରିଛନ୍ତି । ଏଥିରେ କୃଷି, ନିଯୁକ୍ତି ଏବଂ ଦକ୍ଷତା, ମାନବ ସମ୍ବଳ ବିକାଶ ଓ ସାମାଜିକ ନ୍ୟାୟ, ଉତ୍ପାଦନ ଏବଂ ସେବା, ନଗର ଉନ୍ନୟନ, ଶକ୍ତି ସୁରକ୍ଷା, ଭିତ୍ତିଭୂମି, ଉଦ୍ଭାବନ, ଗବେଷଣା ଏବଂ ବିକାଶ ଓ ଉତ୍ପାଦକତାଠ ଓ ସ୍ଥିରତା ଅନ୍ତର୍ଭୁକ୍ତ ରହିଛି ।

ଚଳିତବର୍ଷ ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧. ୫୨ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଶ୍ରୀମତୀ ସୀତାରମଣ କହିଛନ୍ତି, ଆସନ୍ତା ୨ ବର୍ଷ ମଧ୍ୟରେ  ୧ କୋଟି କୃଷକଙ୍କୁ ସାର୍ଟିଫିକେଶନ୍ ଏବଂ ବ୍ରାଣ୍ଡିଂ ଦ୍ୱାରା ସମର୍ଥିତ ପ୍ରାକୃତିକ କୃଷିରେ ସାମିଲ୍ କରାଯିବ । ସେ କହିଛନ୍ତି, ପ୍ରମୁଖ ଉପଭୋକ୍ତା କେନ୍ଦ୍ର ନିକଟରେ ପନିପରିବା ଉତ୍ପାଦନ ପାଇଁ ବୃହତ୍ କ୍ଲଷ୍ଟର ବିକଶିତ କରାଯିବ । ରାଜ୍ୟଗୁଡ଼ିକ ସହଭାଗିଦାରିରେ ସରକାର ଆଗାମୀ ୩ ବର୍ଷ ମଧ୍ୟରେ ୪ ଶହଟି ଜିଲ୍ଲାର କୃଷକ ଏବଂ ସେମାନଙ୍କ ଜମିକୁ ଅନ୍ତର୍ଭୁକ୍ତ କରି କୃଷି କ୍ଷେତ୍ରରେ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି କାର୍ଯ୍ୟକାରୀ କରିବେ ।

ସମବାୟ କ୍ଷେତ୍ରର ଶୃଙ୍ଖଳିତ ଏବଂ ସର୍ବାଙ୍ଗୀନ ବିକାଶ ପାଇଁ ସରକାର ଏକ ଜାତୀୟ ସହଯୋଗ ନୀତି ଆଣିବେ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

ବଜେଟ୍‌ରେ ପ୍ରଥମ ଥର ପାଇଁ କର୍ମଚାରୀମାନଙ୍କ ଲାଗି ଏକ ନୂଆ ଯୋଜନା ଆରମ୍ଭ କରାଯାଇଛି । ଯେଉଁଥିରେ ୨ କୋଟି ୧୦ ଲକ୍ଷ ଯୁବକ ଉପକୃତ ହେବେ । ଏହି ଯୋଜନାରେ ସରକାର ୩ଟି କିସ୍ତିରେ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ୧ ମାସର ଦରମା ସିଧାସଳଖ ପ୍ରଥମ ଥର ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ପାଉଥିବା କର୍ମଚାରୀଙ୍କ ଆକାଉଣ୍ଟକୁ ପଠାଇବେ । ନିଯୁକ୍ତିର ପ୍ରଥମ ୪ ବର୍ଷରେ ଉତ୍ପାଦନ କ୍ଷେତ୍ରରେ ସରକାର ଅତିରିକ୍ତ ନିଯୁକ୍ତି ପାଇଁ ପ୍ରୋତ୍ସାହନ ପ୍ରଦାନ କରିବେ । ଯାହା ଫଳରେ ୩୦ ଲକ୍ଷ ଯୁବକ ଏବଂ ସେମାନଙ୍କ ନିଯୁକ୍ତିଦାତା କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରେ ଯୋଗଦାନ କରିପାରିବେ । ଅତିରିକ୍ତ ନିଯୁକ୍ତି ପ୍ରଦାନ ପାଇଁ ଇପିଏଫ୍‌ଓ ଅବଦାନ ବାବଦରେ ନିଯୁକ୍ତିଦାତାଙ୍କୁ ୨ ବର୍ଷ ପାଇଁ ମାସିକ ୩ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ ବ୍ୟବସ୍ଥା ରହିଛି । ପ୍ରଧାନମନ୍ତ୍ରୀଙ୍କ ପ୍ୟାକେଜ୍ ଅଧିନରେ ଆସନ୍ତା ୫ ବର୍ଷ ମଧ୍ୟରେ ୨୦ ଲକ୍ଷ ଯୁବକଙ୍କୁ ଦକ୍ଷ କରାଯିବ । ଘରୋଇ ଶିକ୍ଷାନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ବଜେଟ୍‌ରେ ଆର୍ଥିକ ସହାୟତା ଘୋଷଣା କରାଯାଇଛି ।

ଶ୍ରୀମତୀ ସୀତାରମଣ କହିଛନ୍ତି, ଦେଶର ପୂର୍ବାଞ୍ଚଳର ସର୍ବାଙ୍ଗିନ ବିକାଶ ନିମନ୍ତେ  ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ସରକାର ପୂର୍ବୋଦୟ ନାମକ ଏକ ଯୋଜନା ପ୍ରସ୍ତୁତ କରିବେ। ଏହାଛଡା ବକ୍ସର୍‌ଠାରେ ଗଙ୍ଗାନଦୀ ଉପରେ ୨୬ ହଜାର କୋଟି ଟଙ୍କା ବ୍ୟୟରେ ଅତିରିକ୍ତ ୨ ଲେନ୍ ବିଶିଷ୍ଟ ପୋଲ ନିର୍ମାଣ ଏବଂ ପିରପନ୍ତୀଠାରେ ୨୧ ହଜାର ୪ ଶହ କୋଟି ଟଙ୍କା ବ୍ୟୟରେ ନୂଆ ୨୪ ଶହ ମେଗାୱାଟ୍ ଶକ୍ତି ପ୍ରକଳ୍ପ ନିର୍ମାଣ କରାଯିବ। ଚଳିତ ଆର୍ଥିକବର୍ଷରେ ଆନ୍ଧ୍ରପ୍ରଦେଶ ପାଇଁ ୧୫ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା କରାଯାଇଛି।

ବଜେଟ୍‌ରେ ଆୟକର ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। କେନ୍ଦ୍ର ସରକାର ନୂଆ ଟିକସ ବ୍ୟବସ୍ଥାରେ ଆୟକରରେ ବେତନଭୋଗି କର୍ମଚାରୀଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକସନ୍‌କୁ ୫୦ ହଜାର ଟଙ୍କାରୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ପେନ୍‌ସନ୍‌ଭୋଗୀଙ୍କ ପାଇଁ ପାରିବାରିକ ପେନ୍‌ସନ୍ ଉପରେ ରିହାତି ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ପାଖାପାଇ ୪ କୋଟି ବେତନଭୋଗୀ ଓ ପେନ୍‌ସନ୍ ଭୋଗୀଙ୍କୁ ଲାଭ ମିଳିବ।

ନୂଆ ଟିକସ ବ୍ୟବସ୍ଥାକୁ ପସନ୍ଦ କରୁଥିବା ଲୋକଙ୍କ ପାଇଁ କେନ୍ଦ୍ର ସରକାର ଟିକସ ହାର ଢ଼ାଞ୍ଚାରେ ସଂଶୋଧନ କରିଛନ୍ତି। ୩ ଲକ୍ଷ ଟଙ୍କା

ପର୍ଯ୍ୟନ୍ତ ଆୟ ଉପରେ କୌଣସି ଆୟକର ଲାଗୁ ହେବ ନାହିଁ। ୩ ଲକ୍ଷରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୫ ପ୍ରତିଶତ ୭ ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୧୦ ପ୍ରତିଶତ, ୧୦ ରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୧୫ ପ୍ରତିଶତ, ୧୨ ରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨୦ ପ୍ରତିଶତ ଓ ୧୫ ଲକ୍ଷ ଟଙ୍କାରୁ ଅଧିକ ଆୟ ଉପରେ ୩୦ ପ୍ରତିଶତ ଆୟକର ଦେବାକୁ ପଡିବ। ଏହି ପରିବର୍ତ୍ତନ ଫଳରେ ନୂଆ ଟିକସ ବ୍ୟବସ୍ଥାରେ ଜଣେ ବେତନଭୋଗୀ କର୍ମଚାରୀ ୧୭ ହଜାର ୫ ଶହ ଟଙ୍କା ପର୍ଯ୍ୟନ୍ତ ଆୟକର ସଞ୍ଚୟ କରିପାରିବେ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି।

ଅନ୍ୟପକ୍ଷରେ ନୂଆ ପେନ୍‌ସନ୍ ସ୍କିମ୍-ଏନ୍.ପି.ଏସ୍. ବାବଦରେ କେନ୍ଦ୍ର ସରକାର ନିଯୁକ୍ତିଦାତାଙ୍କ ରିହାତି ନିମନ୍ତେ କର୍ମଚାରୀଙ୍କ ଦରମାର ଅଂଶଧନ ୧୦ ରୁ ୧୪ ପ୍ରତିଶତକୁ ବୃଦ୍ଧି କରିଛନ୍ତି।

ଚଳିତ ବଜେଟ୍‌ରେ ଅର୍ଥମନ୍ତ୍ରୀ ବିଦେଶୀ କମ୍ପାନୀଗୁଡ଼ିକ ଉପରେ ଟିକସ ହାର ୪୦ ରୁ ୩୫ ପ୍ରତିଶତକୁ ହ୍ରାସ କରିବାକୁ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌କୁ ସୁଦୃଢ଼ କରିବା, ଉଦ୍ୟୋଗୀ ଭାବନାକୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ଭାବନକୁ ସମର୍ଥନ କରିବା ପାଇଁ ସବୁ ବର୍ଗର ନିବେଶକଙ୍କ ପାଇଁ ଏଞ୍ଜେଲ୍ ଟ୍ୟାକ୍ସକୁ ଉଚ୍ଛେଦ କରାଯାଇଛି।

ସେହିପରି **ବିବାଦ ସେ ବିଶ୍ୱାସ** ଯୋଜନାରେ ଆୟକର କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ପ୍ରତ୍ୟକ୍ଷ କର, ଅବକାରୀ ଓ ସେବା ଟିକସ କ୍ଷେତ୍ରରେ ଅପିଲ୍ କରିବାର ସମୟସୀମାକୁ ବୃଦ୍ଧି କରାଯାଇଛି। ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅପିଲ୍ ପାଇଁ ଟ୍ୟାକ୍ସ ଟ୍ରିବ୍ୟୁନାଲ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଅପିଲ୍ ପାଇଁ ହାଇକୋର୍ଟ ଏବଂ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଅପିଲ୍ ପାଇଁ ସୁପ୍ରିମ୍‌କୋର୍ଟରେ ଆବେଦନ କରାଯାଇପାରିବ।

ସୁନା ଓ ମୂଲ୍ୟବାନ ଧାତୁ ଅଳଙ୍କାରର ଘରୋଇ ମୂଲ୍ୟବୃଦ୍ଧି ହ୍ରାସ କରିବା ପାଇଁ ସୁନା ଓ ରୂପା ଉପରେ ସୀମା ଶୁଳ୍କ ୬ ପ୍ରତିଶତ ଏବଂ ପ୍ଲାଟିନମ୍ ଉପରେ ସୀମା ଶୁଳ୍କ ୬ ଦଶମିକ ୪ ପ୍ରତିଶତକୁ ହ୍ରାସ କରାଯାଇଛି।

ଚଳିତ ବଜେଟ୍‌ରେ ଦେଶର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩ କୋଟି ଅତିରିକ୍ତ ଗୃହ ନିର୍ମାଣ କରାଯିବା ପାଇଁ ୧୦ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମହିଳାଙ୍କ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବଜେଟ୍‌ରେ ମହିଳା ଓ ବାଳିକା ମାନଙ୍କ ନିମନ୍ତେ ଆଧାରିତ ଯୋଜନା ପାଇଁ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କାର ବ୍ୟୟ ବରାଦ କରାଯାଇଛି।

୨୦୨୪-୨୫ ଆର୍ଥିକ ବର୍ଷରେ ଆଦିବାସୀ ସମ୍ପ୍ରଦାୟର ବିକାଶ ନିମନ୍ତେ ସରକାର ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନରେ ୬୩ ହଜାର ଗ୍ରାମାଞ୍ଚଳକୁ ସାମିଲ କରିବେ। ଯାହାଫଳରେ ୫ କୋଟି ଆଦିବାସୀ ସମ୍ପ୍ରଦାୟର ଜନସାଧାରଣ ଉପକୃତ ହୋଇପାରିବେ। ସେହିପରି ଗ୍ରାମାଞ୍ଚଳର ଭିତ୍ଭୂମି ନିର୍ମାଣ ପାଇଁ ଚଳିତ ବଜେଟ୍ ୨ ଦଶମିକ ୬/୬ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମୁଦ୍ରାରଣ ଅଧୀନରେ ଅର୍ଥ ପରିମାଣ ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଦେଶର ୫ ଶହଟି ଶୀର୍ଷ କମ୍ପାନୀଗୁଡ଼ିକରେ ଆଗାମୀ ୫ ବର୍ଷରେ ୧ କୋଟିରୁ ଅଧିକ ଯୁବକଙ୍କୁ ଇଣ୍ଟର୍ନସିପ୍ ଦିଆଯିବ।

## ନିପା ଭାଇରସ୍-ତାମିଲ୍‌ନାଡୁ

ତାମିଲ୍‌ନାଡୁ ସରକାର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ନିପା ସଂକ୍ରମଣକୁ ଦୃଷ୍ଟିରେ ରଖି ଯାଞ୍ଚ କାର୍ଯ୍ୟ ତ୍ୱରାନ୍ୱିତ କରିଛି। ସୀମାବର୍ତ୍ତୀ ଜିଲ୍ଲା ନୀଳଗିରିରେ ଆଜିଠାରୁ ସ୍କ୍ରିନିଂ କାର୍ଯ୍ୟ ଆରମ୍ଭ ହୋଇଛି। କେରଳରୁ ଆସିଥିବା ପର୍ଯ୍ୟଟକମାନଙ୍କ ସଂକ୍ରମଣ ଯାଞ୍ଚ କରାଯାଉଥିବା ସୂଚନା ମିଳିଛି। ତାମିଲନାଡୁ ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ନିପା ସଂକ୍ରମଣ ଯାଞ୍ଚ ପାଇଁ ୧୫ଟି ଦଳ ଗଠନ କରିଛନ୍ତି। ପ୍ରତ୍ୟେକ ଦଳରେ ୩ ଜଣ ଲେଖାଏଁ ସଦସ୍ୟ ରହିଛନ୍ତି।

## ଶ୍ରୀଲଙ୍କା-ଆରେଷ୍ଟ

ଅନ୍ତର୍ଜାତୀୟ ଜଳସୀମା ଉଲ୍ଲଙ୍ଘନ ଅଭିଯୋଗରେ ଶ୍ରୀଲଙ୍କା ନୌସେନା ରାମେଶ୍ୱରମ୍‌ରୁ ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଆଜି ସକାଳେ ମତ୍ସ୍ୟଜୀବୀମାନେ ରାମେଶ୍ୱରମ୍ ନିକଟସ୍ଥ ଜଳରାଶିରେ ମାଛ ଧରୁଥିବାବେଳେ ଶ୍ରୀଲଙ୍କା ନୌସେନା ସେମାନଙ୍କୁ ଗିରଫ କରିବା ସହ ଦୁଇଟି ଡଙ୍ଗା ଜବତ କରିଛି। ଗିରଫ ମତ୍ସ୍ୟଜୀବୀଙ୍କୁ ପଚରାଉଚରା ପାଇଁ ଶ୍ରୀଲଙ୍କାର କାଙ୍କେ ସାନ୍ତୁରାଇ ବନ୍ଦରକୁ ନିଆଯାଇଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା ଜେଲ୍‌ରେ ବନ୍ଦୀ ଥିବା ୭୪ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ମୁକ୍ତ କରିବା ପାଇଁ ଉଦ୍ୟମ କରିବାକୁ ମତ୍ସ୍ୟଜୀବୀ ସଂଘ ସଭାପତି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଏସିଆକପ୍ କ୍ରିକେଟ୍

ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାରେ ଆଜି ଗ୍ରୁପ୍-ଏ'ରେ ଶ୍ରୀଲଙ୍କାର ଦାମ୍ବୁଲାଠାରେ ଭାରତ-ନେପାଳ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଭାରତୀୟ ମହିଳା କ୍ରିକେଟ୍ ଦଳ ଏହି ଶୃଙ୍ଖଳାରେ ଗ୍ରୁପ୍-ଏ'ର ଅଙ୍କ ତାଲିକାର ଶୀର୍ଷରେ ରହିଛି । ଅଧିନାୟକ ହରମନପ୍ରୀତ କୌରଙ୍କ

ନେତୃତ୍ୱରେ ଭାରତ ଏହି ଶୃଙ୍ଖଳାରେ ପାକିସ୍ତାନ ଏବଂ ୟୁ.ଏ.ଇ.କୁ ପରାସ୍ତ କରିସାରିଛି ।

ଅନ୍ୟ ଏକ ମ୍ୟାଚ୍‌ରେ ଅପରାହ୍ଣ ୨ଟାରେ ପାକିସ୍ତାନ ଏବଂ ୟୁ.ଏ.ଇ. ମଧ୍ୟରେ ମୁକାବିଲା ହେବ । ଗତକାଲି ଗ୍ରୁପ୍-ବିର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୧୪୪ ରନ୍‌ରେ ମାଲେସିଆକୁ ପରାସ୍ତ କରିଥିବାବେଳେ ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ୭ ୱିକେଟ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଥିଲ।

# ଅଷ୍ଟ୍ରିଆ ଓପନ୍

ଅଷ୍ଟ୍ରିଆ ଓପନ୍ ଟେନିସ୍ ପ୍ରତିଯୋଗିତାରେ ସୁମିତ୍ ନାଗଲ୍ ପ୍ରି-କ୍ୱାଟର୍ ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି। ଗତକାଲି ସ୍ଲୋଭାକିଆର ଲୁକ୍ଲାସ କ୍ଲେନ୍‌ଙ୍କୁ ୬/୪, ୧/୬, ୭/୬ ସେଟ୍‌ରେ ସୁମିତ୍ ପରାସ୍ତ କରିଥିଲେ। ଆସନ୍ତାକାଲି ପ୍ରି-କ୍ୱାଟର ଫାଇନାଲ୍‌ରେ ବିଶ୍ୱର ଚତୁର୍ଥ ବରିଷ୍ଠତା ପ୍ରାପ୍ତ ଖେଳାଳି ସ୍ପେନର ପେଡ୍ରୋ ମାଟିନେଜ୍‌ଙ୍କ ସହ ସୁମିତ୍‌ଙ୍କ ମୁକାବିଲା ହେବ।

********************************